# NATIONAL NEWS BULLETIN (ODIA)
## 6 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଚାରିଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ପୁରୀ ଶ୍ରୀକ୍ଷେତ୍ରରେ ରଥାରୂଢ଼ ଶ୍ରୀଜୀଉଙ୍କୁ ଆସନ୍ତାକାଲି କରିବେ ଦର୍ଶନ ।

- ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୨ରୁ ହେବ ଆରମ୍ଭ ।
- ଯୁବବର୍ଗଙ୍କ ଉତ୍ସାହ ଓ ପ୍ରତିବଦ୍ଧତା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିପାରିବ, କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼
- ଚୀନ୍ ସାନ୍‌ଡଙ୍ଗ ଅଞ୍ଚଳରେ ଘୂର୍ଣ୍ଣିଝଡ଼ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ।

ଏବଂ

- ହରାରେ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ଭାରତ ସମ୍ମୁଖରେ ୧୧୬ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଜିମ୍ବାୱେ ।

# ପ୍ରେଜ୍-ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାରଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଠାରେ ପହଁଞ୍ଚିଛନ୍ତି।  ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।

ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରାଷ୍ଟ୍ରପତି ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ଜୟଦେବ ଭବନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ପୁଣ୍ୟତିଥି କାର୍ଯ୍ୟକ୍ରମରେ ଆଜି ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗ ଦେଉଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ରାଜଭବନରେ ରାତ୍ରିଯାପନ କରିବେ । ଭୁବନେଶ୍ୱର ଉଦୟଗିରି ଗୁମ୍ଫା ସୋମବାର ଦିନ ପରିଦର୍ଶନ କରିବା ସହ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ସେହିଦିନ ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ । ଏହି ଅବସରରେ "ଲାଇଫ୍‌ଷ୍ଟାଇଲ୍ ଫର୍ ସଷ୍ଟେନେବିଲିଟି" ଅଭିଯାନର ଶୁଭାରମ୍ଭ କରିବେ । ମଙ୍ଗଳବାର ଦିନ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ

କରିବା ପୂର୍ବରୁ ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ସ୍ନାତକ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## କାର୍ ଫେଷ୍ଟିଭାଲ୍ - ଟି.ଭି.-ରେଡିଓ

ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତାକାଲି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଚତୁର୍ଦ୍ଧାମୂର୍ତ୍ତି ବଡ଼ଦାଣ୍ଡରେ ରଥାରୂଢ଼ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏଥିପାଇଁ ଜିଲ୍ଲା ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି।

ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଆସନ୍ତାକାଲି ସକାଳ ୭ଟା ୩୦ ମିନିଟ୍‌ରୁ ରଥଟଣା ଶେଷ ହେବା ଯାଏଁ ପ୍ରସାରିତ ହେବ । ଆକାଶବାଣୀ କଟକ ସମେତ ଓଡ଼ିଶାର ସମସ୍ତ ବେତାର କେନ୍ଦ୍ର ମାଧ୍ୟମରେ ଏକକାଳୀନ ଏହି ପ୍ରସାରଣ କରାଯିବ।

ସେହିଭଳି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଘୋଷଯାତ୍ରାର ସିଧାପ୍ରସାରଣ କରାଯିବ। ଡିଡି ଓଡ଼ିଆରେ ସକାଳ ୯ଟାରୁ ଓଡ଼ିଆରେ ଏବଂ ୧୦ଟାରୁ ହିନ୍ଦୀ, ଇଂରାଜୀ ଏବଂ ସଂସ୍କୃତ ଭାଷାରେ ଏହି ପ୍ରସାରଣ କରାଯିବ । ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଘୋଷଯାତ୍ରାର ସିଧା ପ୍ରସାରଣ କରାଯିବ ।

ନୀତି ଅନୁଯାୟୀ ଶ୍ରୀଜୀଉଙ୍କ ରଥଯାତ୍ରା ଏଥର ୨ଦିନ ଧରି ଅନୁଷ୍ଠିତ ହେଉଥିବାରୁ ଆସନ୍ତା ସୋମବାର ସକାଳ ୮ଟା ୩୦ରୁ ରଥଟଣାର ସିଧାପ୍ରସାରଣ କରାଯିବ ।

# ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ଚଳିତ ଆର୍ଥିକ ବର୍ଷର ସାଧାରଣ ବଜେଟ୍ ୨୩ ତାରିଖ ଦିନ ଉପସ୍ଥାପନ କରାଯିବ। ବଜେଟ୍ ଅଧିବେଶନ ସଂକ୍ରାନ୍ତ ପ୍ରସ୍ତାବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଥିବା ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି।

# ପିଏମ୍- ଇରାନ୍ ପେଜେସ୍କିଆନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବନିର୍ବାଚିତ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି, ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ଆଶାପ୍ରକାଶ କରିଛନ୍ତି।

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ମାସୁଦ୍ ପେଜେସ୍କିଆନ୍ ଇରାନ୍‌ର ଚତୁର୍ଦ୍ଦଶ ରାଷ୍ଟ୍ରପତି ହେବେ । ରାଷ୍ଟ୍ରପତି ନିର୍ବାଚନରେ ସେ ସଇଦ ଜଲିଲିଙ୍କୁ ପରାସ୍ତ କରିଛନ୍ତି । ମାସୁଦ୍ ପେଜେସ୍କିଆନ୍ ମୋଟ୍ ୩ କୋଟିରୁ' ୧ କୋଟି ୬୦ ଲକ୍ଷରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ରାଷ୍ଟ୍ରପତି ପଦ ପାଇଁ

ଗତକାଲି ପୁନଃ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ଗତମାସ ୨୮ ତାରିଖରେ ଅନୁଷ୍ଠିତ ମତଦାନରେ ପେଜେସ୍କିଆନ୍‌ଙ୍କୁ ୪୨ ଦଶମିକ ୬ ପ୍ରତିଶତ ଭୋଟ୍ ମିଳିଥିବାବେଳେ ଜଲିଲି ୩୮ ଦଶମିକ ୮ ପ୍ରତିଶତ ଭୋଟ୍ ପାଇଥିଲେ । ଇରାନ୍‌ରେ ରାଷ୍ଟ୍ରପତି ପଦପାଇଁ ୫୦ ପ୍ରତିଶତରୁ ଅଧିକ ମତର ଆବଶ୍ୟକତା ରହିଛି । ୨୮ ତାରିଖ ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ସ୍ପଷ୍ଟ ମତ ନ ମିଳିବାରୁ ଗତକାଲି ପୁନଃ ମତଦାନ କରାଯାଇଥିଲା । ଏଥିରେ ସର୍ବାଧିକ ଭୋଟ୍ ପାଇଥିବା ପ୍ରଥମ ଦୁଇ ଜଣ ପ୍ରତିଦ୍ୱନ୍ଦ୍ୱୀ ପେଜେସ୍କିଆନ ଏବଂ ଜଲିଲି ନିର୍ବାଚନ ରଣାଙ୍ଗନରେ ରହିଥିଲେ ।

ଇରାନ୍‌ର ଚତୁର୍ଦ୍ଦଶ ରାଷ୍ଟ୍ରପତି ନିର୍ବାଚନ ୨୦୨୫ରେ ହେବାକୁ ଥିବାବେଳେ ରାଷ୍ଟ୍ରପତି ଇବ୍ରାହିମ୍ ରାଇସିଙ୍କର ଗତ ମଇ ୧୯ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ଆଗୁଆ ନିର୍ବାଚନ ଅନୁଷ୍ଠିତ ହୋଇଛି ।

## ପିଏମ୍-ୟୁକେ ଷ୍ଟାରମର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରିଟେନ୍‌ର ନବନିର୍ବାଚିତ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମରଙ୍କୁ ଅଭିନନ୍ଦନ କରିବା ସହିତ ତାଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ, ଦୁଇ ଦେଶ ମଧ୍ୟରେ ପାରସ୍ପରିକ ବୁଝାମଣା ଏବଂ ସହଯୋଗ

ସହିତ ଅର୍ଥନୈତିକ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଉପରାଷ୍ଟ୍ରପତି-କେରଳ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଯୁବବର୍ଗଙ୍କ ଉତ୍ସାହ ଏବଂ ପ୍ରତିବଦ୍ଧତା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ  ପରିଣତ କରିପାରିବ। ଦେଶରେ ଯୁବବର୍ଗଙ୍କ ବିକାଶ ପାଇଁ ଉତ୍ତମ ପରିବେଶ ରହିଛି। ସେମାନେ ଏହାର ଉପଯୋଗ ଉପରେ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। କେରଳର ତିରୁବନନ୍ତପୁରମ୍‌ଠାରେ ଭାରତୀୟ ମହାକାଶ ବିକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର ଦ୍ୱାଦଶ ସ୍ନାତକ ସମାରୋହକୁ  ସମ୍ବୋଧିତ କରି ଶ୍ରୀ ଧନଖଡ଼ ଏହା କହିଛନ୍ତି। ଅର୍ଥନୈତିକ କ୍ଷେତ୍ରରେ ଦେଶ ବିକାଶ ଆଡ଼କୁ ଅଗ୍ରସର ହେଉଛି ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଭଳି ବିଶ୍ୱସ୍ତରୀୟ ସଂଗଠନ ସ୍ୱୀକାର କରିଛନ୍ତି। ସମଗ୍ର ବିଶ୍ୱ ମଧ୍ୟ ଭାରତର ମହାକାଶ ସଫଳତାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି। ମହାକାଶ କ୍ଷେତ୍ରରେ ଇସ୍ରୋର ପ୍ରୟାସକୁ ଉପରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରୋର ଅଧ୍ୟକ୍ଷ ଏସ୍.ସୋମନାଥଙ୍କ ସମେତ ପ୍ରତିଷ୍ଠାନର ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଦୁଇ ଦିନିଆ କେରଳ ଗସ୍ତ ଶେଷ କରି ଆସନ୍ତାକାଲି ଉପରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

## ରତ୍ନଭଣ୍ଡାର ବୈଠକ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଆଜି ପୁରୀଠାରେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକପରେ ସୂଚନା ଦେଇ ଜଷ୍ଟିସ୍ ରଥ କହିଛନ୍ତି, ଆସନ୍ତା ୯ ତାରିଖ ବୁଧବାର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ପରବର୍ତ୍ତୀ ବୈଠକ ହେବ ଏବଂ ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ । ସରକାରୀ ଟ୍ରେଜେରୀରେ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ରହିଛି । ଯାଞ୍ଚ କମିଟି ସମ୍ମୁଖରେ ବୁଧବାର ଦିନ ହେବାକୁ ଥିବା ବୈଠକରେ ଚାବି ଉପସ୍ଥାପନ କରିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ।

## ଜୟଶଙ୍କର- ୟୁକେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ୟୁକେର ବୈଦେଶିକ ସଚିବ ଡାଭିଡ୍ ଲାମ୍ମୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ପକ୍ଷ ରଣନୈତିକ ଭାଗିଦାରୀ ବୃଦ୍ଧି ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଶ୍ରୀ ଲାମ୍ମୀଙ୍କ ସହ ବ୍ୟକ୍ତିଗତ ବୈଠକରେ ଯୋଗଦେବାକୁ ସେ ଅପେକ୍ଷା କରିଛନ୍ତି ।

# ଚାଇନା ଟର୍ଣ୍ଣାଡୋ

ଚୀନ୍‌ର ହେଜ୍ ସହରର ସାନ୍‌ଡଙ୍ଗ୍ ଅଞ୍ଚଳରେ ଘୂର୍ଣ୍ଣିଝଡ଼ ଯୋଗୁଁ ୫ ଜଣ ଲୋକଙ୍କର ମୃତ୍ୟୁ ହେବା ସହ ୮୮ ଜଣ ଆହତ ହୋଇଥିବାର ଜଣାପଡ଼ିଛି। ଡଙ୍ଗମିଙ୍ଗ୍ କାଉଣ୍ଟି ଏବଂ ଜୁଆନ୍‌ଚେଙ୍ଗ କାଉଣ୍ଟିରେ ଏହି ଘୂର୍ଣ୍ଣିଝଡ଼ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଜଣାପଡ଼ିଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ମୋଟ୍ ୨ ହଜାର ୮୨୦ଟି ଘର, ୪ ହଜାର ୬୦ ହେକ୍ଟରର ଶସ୍ୟ ଏବଂ ୪୮ଟି ବିଦ୍ୟୁତ୍ ସରବରାହ ଲାଇନ୍ ନଷ୍ଟ ହୋଇଥିବାର ଜଣାପଡ଼ିଛି। କ୍ଷୟକ୍ଷତିର ସମୀକ୍ଷା ପାଇଁ ଟାସ୍କଫୋର୍ସ ମୁତୟନ କରାଯାଇଛି। ଇତିମଧ୍ୟରେ ସଡ଼କ ଯୋଗାଯୋଗ ଏବଂ ବିଦ୍ୟୁତ ସରବରାହକୁ ପୁନଃଉଦ୍ଧାର କରାଯାଇଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# ହେଲ୍‌ଥ ମିନିଷ୍ଟ୍ରି ନିଟ୍

ନିଟ୍ ୟୁଜି କାଉନସେଲିଂର ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। କାଉନସେଲିଂ ତାରିଖରେ ପରିବର୍ତ୍ତନ କରାଯାଇଥିବା ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଖବର ଠିକ୍ ନୁହେଁ ବୋଲି ମନ୍ତ୍ରଣାଳୟ କହିଛି। ଏଭଳି ଭୁଲ୍ ଖବରକୁ ବିଶ୍ୱାସ ନ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ଇଣ୍ଡିଆ-ଜିମ୍ବାୱେ ଟି.-୨୦

ଭାରତ ଓ ଜିମ୍ବାୱେ ପଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍ ହରାରେ ଠାରେ ଚାଲିଛି। ଟସ୍ ଜିତି ଭାରତ ଜିମ୍ବାୱେକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଜିମ୍ବାୱେ ଭାରତ ସମ୍ମୁଖରେ ୧୧୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ନିର୍ଦ୍ଧାରିତ ୨୦ ଓଭରରେ ଜିମ୍ବାୱେ ୯ ୱିକେଟ୍ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧୦ ଓଭରରେ ୪ ୱିକେଟ୍ ହରାଇ ៣୯ ରନ୍ ସଂଗ୍ରହ କରିଛି।

ରୋହିତ ଶର୍ମା, ବିରାଟ କୋହଲି ଏବଂ ରବୀନ୍ଦ୍ର ଜାଡେଜାଙ୍କ ଟି-ଟ୍ୱେଣ୍ଟି ମ୍ୟାଚ୍‌ରୁ ଅବସର ନେବା ପରେ ଏହା ହେଉଛି ଭାରତର ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ । ଗତମାସରେ ୱେଷ୍ଟ ଇଣ୍ଡିଜ୍‌ରେ ଭାରତ ବିଶ୍ୱକପ୍ ବିଜୟ ହେବା ପରେ ଦଳର କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତରେ ଯାଇଛନ୍ତି । ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ ହରାରେ ସ୍ପୋର୍ଟସ କ୍ଲବ ପଡ଼ିଆଠାରେ ଖେଳାଯିବ।